
କଳିଙ୍ଗ ସାହିତ୍ୟ ସମାଜ

# ସାହିତ୍ୟ



Scanned with OKEN Scanner

# ସୂଚୀକ୍ରମ


## ସାଂପ୍ରତିକୀ
ପରିବର୍ତ୍ତିତ ପ୍ରେକ୍ଷାପଟରେ ମାତୃଭାଷାର ଗୁରୁତ୍ୱ — ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ — ୭

## ଲଳିତ ନିବନ୍ଧ
ରଥ ବିଜେ — ରବି ଜେନା — ୧୧

## ସମାଲୋଚନା
ବୈଫଲ୍ୟ ଓ ସମ୍ଭାବନାର ସମ୍ବେଦନାତ୍ମକ ଉଚ୍ଚାରଣ:
'ମଇଁଷିର ପାଶ ନ ଯାଅ ଦନାଇ' — ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ — ୧୬
ଗଞ୍ଜାମରେ ଓଡ଼ିଆ ଆନ୍ଦୋଳନ ଓ ... — ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ — ୨୩
ମାନବେତର ଗଳ୍ପ 'ମାଂସର ବିଳାପ'... — ଡ. ସମୀର ଭୋଇ — ୩୦
ଓଡ଼ିଆ ରାମ ସାହିତ୍ୟକୁ ଗଞ୍ଜାମର ଅବଦାନ — ବୃଷକେତୁ ଦାଶ — ୩୪
କୁନ୍ତଳାକୁମାରୀଙ୍କ ଉପନ୍ୟାସରେ...... — ହେମଲତା ବେହେରା — ୪୩

## ଆଦିବାସୀ ସାହିତ୍ୟ ଆଲୋଚନା
କନ୍ଧମାଳର ଡ଼ମ୍ ଲୋକଭାଷା ଓ ସାହିତ୍ୟ — କ୍ଷେତ୍ରବାସୀ ମାନ୍‌ସେଠ୍ — ୪୮
'ତୋଡ଼ା' ଆଦିବାସୀ ଜୀବନଚର୍ଯ୍ୟା... — ରାମାରାଓ ମାଝୀ — ୬୨
କୋରାପୁଟର କନ୍ଧ ଜନଜାତି... — ବିଷ୍ଣୁପ୍ରିୟା ସେଠୀ — ୬୭

## ଚଳନ୍ତିକା
ଶେଷ ଭିକ୍ଷା — ସ୍ୱର୍ଣ୍ଣମୟୀ ପାଢ଼ୀ — ୭୪

## ଗଳ୍ପ
ଶେଷରେ କ'ଣ ହେବ କେଜାଣି — ଚିତ୍ତରଞ୍ଜନ ତ୍ରିପାଠୀ — ୭୮
କେବଳ ଗୋଟିଏ ଦିନ — ପ୍ରଶାନ୍ତ ମହାନ୍ତି — ୮୫
ବାପା ତମେ ଅଛ ବୋଲି — ଡ. କନକଲତା ପଟ୍ଟନାୟକ — ୯୧
ବିନ୍ଦୁ, ବୃତ୍ତ, ବ୍ୟାସ ବା ତ୍ରିଭୁଜ... — ମନୋରଞ୍ଜନ ପାଣିଗ୍ରାହୀ — ୯୬
ନେଗେଟିଭ୍ — ଶରତ କୁମାର ଦାସ — ୧୦୨
ଜୋତା ଚୋରୀ — ଛନ୍ଦା ମିଶ୍ର — ୧୦୭
ଓଟ ଓ ପ୍ରଜାପତି — ଲକ୍ଷ୍ମଣ କୁମାର — ୧୧୧
ତିନୋଟି ଟିକି ଗପ — ଭାଗ୍ୟଲକ୍ଷ୍ମୀ ମହାରଣା — ୧୧୪
ସ୍ରୋତସ୍ୱତୀ — ହରିଚରଣ ଖଟୁଆ — ୧୧୬
ମୋ ନାମ ଚନ୍ଦ୍ରଭାନୁ — ଦିଲ୍ଲୀପ ଚୌଧୁରୀ — ୧୧୭
ମିଠା ଯନ୍ତ୍ରଣା — ନମିତା ଦାଶ — ୧୨୦
ଅବ୍ୟକ୍ତ ମୂର୍ଚ୍ଛନା — ମନୋରଞ୍ଜନ ବିଷୋୟୀ — ୧୨୨

## ଅନୁବାଦ ଗଳ୍ପ
ନିରୁଦ୍ଦିଷ୍ଟ — ଅମିୟବାଳା ପଟ୍ଟନାୟକ — ୧୨୬


Scanned with OKEN Scanner

# 'ତୋଡ଼ା' ଆଦିବାସୀ ଜୀବନଚର୍ଯ୍ୟା: ଏକ ଅନୁଶୀଳନ

■ ରାମାରାଓ ମାଝୀ

ଆଦିବାସୀ ଶବ୍ଦର ବିଭିନ୍ନ ଅର୍ଥ ରହିଛି । ଯେପରି ଜନଜାତି, ଆଦିମ ଜାତି, ସଂବର୍ଗ ବା ଉପବର୍ଗ । ଇଂରାଜୀରେ Community, Suborder, Tribe ପ୍ରଭୃତି ଶବ୍ଦ ଏହି ଅର୍ଥ ପ୍ରକାଶ କରିଥାଏ । ଅତି ପ୍ରାଚୀନ ବା ଆଦିମ ଅଧିବାସୀ ମଧ୍ୟ ଆଦିବାସୀ ରୂପେ ପରିଚିତ । Tribe ଶବ୍ଦର ପରିଭାଷ ଏହିପରି–A social group in traditional society consisting of link families or communities sharing customs and beliefs (compact Oxford Dictionary Thesaurur & Wordpower guide-P.972). New std Encyclopedia ରେ Tribe ଶବ୍ଦର ଅର୍ଥ ହେଉଛି- "xxx Tribe is generally composed of smaller groups such as families, clans, bands or village. Tribal organisation exists mainly among primitive people (people without writing or technological advances). The terms 'tribe' and tribal are also broadly applied to more advanced group of people who follow custom rather than law" (New std-Encyclopedia, P-T.392) (ସପ୍ତର୍ଷି, ପ୍ରଥମ ଓ ଦ୍ୱିତୀୟ ସଂଖ୍ୟା, ୨୦୧୩, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରକାଶନ, ପୃ-୨୨)

ବିଶ୍ୱର ପ୍ରତ୍ୟେକ ସଭ୍ୟଦେଶରେ ଆଦିବାସୀମାନଙ୍କ ସମ୍ପର୍କରେ କୌଣସି ଏକ କୌତୂହଳ ରହିଥାଏ, କାରଣ ଆଦିମ ଅଧିବାସୀମାନଙ୍କ ଠାରୁ ହିଁ ସମୟାନୁକ୍ରମେ ସଭ୍ୟତାର ଆରମ୍ଭ ହୋଇଥାଏ । ଦକ୍ଷିଣ ଆମେରିକା, ଆଫ୍ରିକା, ଏସିଆ, ଅଷ୍ଟ୍ରେଲିଆ, ଉତ୍ତର ଆମେରିକା, ପ୍ରଶାନ୍ତ ମହାସାଗରର ଦକ୍ଷିଣାଂଶ, ୟୁରୋପୀୟ ସଭ୍ୟତାର ଆରମ୍ଭ ପୂର୍ବରୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ରୂପେ ପରିଗଣିତ ଥିଲା । ଭାରତରେ ଆଜି ମଧ୍ୟ ଅନେକ ଆଦିବାସୀ ସଂପ୍ରଦାୟ ନିଜର ପ୍ରାଚୀନ ପରମ୍ପରାକୁ ଅନୁସରଣ କରି ନିଜକୁ ସ୍ୱତନ୍ତ୍ର ରୂପେ ଉପସ୍ଥାପିତ କରିଥାନ୍ତି । ସେମାନଙ୍କ ମଧ୍ୟରେ ଆଦିବାସୀ 'ତୋଡ଼ା' ଅନ୍ୟତମ ।

ଖ୍ରୀଷ୍ଟାବ୍ଦ ୧୬୦୨ ମସିହାରେ କେତେକ ପର୍ତ୍ତୁଗିଜ୍ ଧର୍ମପ୍ରଚାରକ 'ତୋଡ଼ା'ମାନଙ୍କ ବାସସ୍ଥାନ ପରିଭ୍ରମଣ କରିବା ପରବର୍ତ୍ତୀ ଏମାନଙ୍କ ଜୀବନଚର୍ଯ୍ୟା ଉପରେ ଏକ ଗବେଷଣାତ୍ମକ ଅଧ୍ୟୟନ ଅନୁଷ୍ଠିତ ହୋଇଥିବା ଜଣାଯାଏ । ଏମାନେ ମୁଖ୍ୟତଃ ତାମିଲ୍‌ନାଡୁର ଉଟକାମଣ୍ଡ, କୁନୁର ଜିଲ୍ଲାର ନୀଳଗିରି ପାର୍ବତ୍ୟାଞ୍ଚଳ, କର୍ଣ୍ଣାଟକ ରାଜ୍ୟର ଦକ୍ଷିଣ ସୀମାନ୍ତରେ ଅବସ୍ଥିତ କେନାର ଜିଲ୍ଲାର

କୋଲ୍ଲେଗଲ୍ ତାଲୁକା, ତିରୁନେଲବେଲି ଜିଲ୍ଲାର ସେଙ୍କୋଥା ତାଲୁକା ଏବଂ କନ୍ୟାକୁମାରୀ ଜିଲ୍ଲାରେ ବାସ କରନ୍ତି । ଏମାନେ ସାଧାରଣତଃ ତୋରା (Tora) ରୂପେ ପରିଚିତ । ତୋଡ଼ାମାନଙ୍କ ଆରାଧ ବୃକ୍ଷ ତୋଡ୍ରା (Todra)ରୁ ତୋଡ଼ା ନାମକରଣ ହୋଇଥିବା ଜଣାଯାଏ । ଏ ଅଞ୍ଚଳରେ ଥିବା ଅନ୍ୟାନ୍ୟ ଆଦିବାସୀମାନେ ହେଲେ ବାଡ଼ଗା, କୋଟା, କୁରୁମ୍ବ, ଇରୁଲା ଇତ୍ୟାଦି । ଆଦିବାସୀ 'ବାଡ଼ଗା'ଙ୍କ ଦୃଷ୍ଟିରେ 'ତୋଡ଼ା'ର ଅର୍ଥ ତୋଡ୍ ବୃକ୍ଷକୁ ଆରାଧନା କରୁଥିବା ଗୋଷ୍ଠୀସମୂହ । ଆଦିବାସୀ ତୋଡ଼ା ନିଜ ଆଞ୍ଚଳିକ ଭାଷାରେ କଥାବାର୍ତ୍ତା କରିଥାଏ । ସ୍ୱତନ୍ତ୍ର ଲିପି ନଥାଏ । ଭାଷାଗତ ଦୃଷ୍ଟିକୋଣରୁ ତାମିଲ୍ ଭାଷାର ନିକଟବର୍ତ୍ତୀ ହୋଇଥିଲେ ମଧ୍ୟ ବିଲୁଚିସ୍ତାନ୍‌ର ବହୁହ୍ରୀ ଓ ତୋଡ଼ାମାନଙ୍କ ମଧ୍ୟରେ କୌଣସି ଏକ ସମ୍ପର୍କ ଥିବା ଜଣାଯାଏ । ଶାରୀରିକ ଗଠନ ପ୍ରଣାଳୀ ଅନୁଯାୟୀ ବୃହତ୍‌କାୟ, ଅନୁଚ୍ଚ ଲମ୍ବ ନାସିକା, ଗହମବର୍ଣ୍ଣ ଆଖି, ଲମ୍ବା ଦାଢ଼ି ଏବଂ ଲୋମପୂର୍ଣ୍ଣ ଶରୀର ସହ ବଳବାନ୍ ପୌରୁଷର ଅଧିକାରୀ । ଜାତିଗତ ପରିପ୍ରେକ୍ଷୀରେ ପ୍ରୋଟୋ-ଆର୍ଯ୍ୟ, 'ଜାପାନ୍'ର 'ଆଇନ୍‌ସ' ଜାତି ସହ ସମ୍ପର୍କ ଥିବା ଜଣାଯାଏ । କେତେକ ନୃତତ୍ତ୍ୱବିତ୍‌ଙ୍କ ମତରେ ଏମାନେ ଇଣ୍ଡୋ-ଆଫ୍‌ଗାନ୍ କିମ୍ବା ନାର୍ଡ଼ିକ ଜାତି ସହ ସଂପୃକ୍ତ ଥିବା ଅନୁମେୟ ।

**ବାସଗୃହ:**

ଆଦିବାସୀ ତୋଡ଼ାଙ୍କ ଗ୍ରାମଗୁଡ଼ିକ 'ଛଅ' ଗୋଟି ଲେଖାଏଁ ଘରକୁ ନେଇ ଗଠିତ । ଉକ୍ତ ଘରଗୁଡ଼ିକ ସେମାନଙ୍କ ପରିବାର ସମ୍ପର୍କିତ ଲୋକଙ୍କ ନିମନ୍ତେ ଉଦ୍ଦିଷ୍ଟ । ଉଚ୍ଚ ପାର୍ବତ୍ୟ, ସମତଳ ଅଞ୍ଚଳ, ଗୃହୋପକରଣ ମିଳୁଥିବା ସ୍ଥାନରେ ଗୃହ ନିର୍ମାଣ କରନ୍ତି । ଘରଗୁଡ଼ିକ ଅର୍ଦ୍ଧନଳାକୃତି ବିଶିଷ୍ଟ ରହିଥାଏ । ଏହାକୁ ଲମ୍ବ ଭାବରେ ବିଭାଜିତ କରିଥାନ୍ତି । ପ୍ରବେଶ ଦ୍ୱାର ଛୋଟ ଏବଂ ଲମ୍ବ ହୋଇଥାଏ । ଘର ଭିତରକୁ ଗଲାବେଳେ ନଇଁ ନଇଁ ଯିବାକୁ ପଡ଼ିଥାଏ ।

**ସାମାଜିକ ବ୍ୟବସ୍ଥା:**

**ପରିବାର:** ଆଦିବାସୀ 'ତୋଡ଼ା' ଦୁଇଟି ଗୋଷ୍ଠୀରେ ବିଭକ୍ତ । ଯଥା: ତାରାତାରଲ୍ (Tarataral), ଟୀବଲିୟୋଲ୍ (Teivalial) । ଏମାନଙ୍କ ମଧ୍ୟରେ ଅନ୍ତଃ ବିବାହ ପ୍ରଥା ପ୍ରଚଳିତ । ବର୍ହିଃ ବିବାହ ମଧ୍ୟ ଗ୍ରହଣୀୟ । ଗୋଶାଳା, ଗୋ-ଔଷଧ ଇତ୍ୟାଦି କାରବାର ତାରାତାରଲ୍‌ଙ୍କ ଦ୍ୱାରା ପରିଚାଳିତ । ଟୀବାଲିୟୋଲ୍‌ମାନେ କେବଳ ଜଗୁଆଳି ରୂପେ କାର୍ଯ୍ୟରତ । ସାମାଜିକ ନିର୍ମାଣ କ୍ଷେତ୍ରରେ ତାରାତାରଲ୍‌ଙ୍କ ସ୍ଥାନ ଅଦ୍ୱିତୀୟ । ଉକ୍ତ ଦୁଇଟି ଗୋଷ୍ଠୀ ଅନ୍ୟ କେତେକ ଉପଗୋଷ୍ଠୀରେ ବିଭକ୍ତ । ତୋଡ଼ାମାନଙ୍କ ସାମାଜିକ ପାରିବାରିକ ଜୀବନ ପିତୃକେନ୍ଦ୍ରିକ ଅଟେ । ବାପା, ମା, ପୁଅ, ଝିଅ, ଜେଜେବାପା, ଜେଜେମା ଇତ୍ୟାଦି ମିଳିମିଶି ରୁହନ୍ତି । ଗୃହର ମୂରବୀ ଗୃହ ଦାୟିତ୍ୱ ବହନ କରିଥାଏ । ଲିଙ୍ଗ ଅନୁଯାୟୀ ଶ୍ରମ ବିଭାଜନ ହୋଇଥାଏ । ଯଥା: ପୁରୁଷମାନେ ପଶୁପୋଷଣ, ଦୁଗ୍ଧ ସଂଗ୍ରହ, ଘିଅ ପ୍ରସ୍ତୁତି, ରୋଷେଇ, ବାଣିଜ୍ୟ ବ୍ୟାପାର ଇତ୍ୟାଦି କାର୍ଯ୍ୟ କରନ୍ତି । ମହିଳାମାନେ ପାଣି ଆଣିବା, ବସ୍ତ୍ର ସିଲାଇବା, ଧାନଛାଉଣି କରିବା, ଘରସଫେଇ, ବାସନ ମାଜିବା ଇତ୍ୟାଦି କାମ କରନ୍ତି ।

**ବୈବାହିକ ସ୍ଥିତି:** ଆଦିବାସୀ ତୋଡ଼ାଙ୍କ ବୈବାହିକ ଜୀବନ ବୈଚିତ୍ର୍ୟମୟ ଅଟେ ।

Scanned with OKEN Scanner

ଏମାନଙ୍କ ବିବାହ ପ୍ରଥାକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇପାରେ । ଯଥା: (୧) ବହୁପତି ବିବାହ (୨) ବାଲ୍ୟବିବାହ ।

**ବହୁପତି ବିବାହ:** ତୋଡ଼ାମାନଙ୍କ ବହୁପତି ବିବାହ ପ୍ରଥା ବହୁ ଆକର୍ଷଣୀୟ ଅଟେ । ତୋଡ଼ା ପୁରୁଷମାନେ ଗୋଟିଏ ସ୍ତ୍ରୀକୁ ପରିବାରର ସମସ୍ତ ଭାଇ କିମ୍ବା ଏକାଧିକ ସ୍ତ୍ରୀ କୁ ଭାଇମାନେ ମିଳିତଭାବେ ବିବାହ କରନ୍ତି । ବହୁପତି ବିବାହ ପ୍ରଥା ଦ୍ୱାରା ଭାଇମାନଙ୍କ ମଧ୍ୟରେ ଦ୍ୱେଷଭାବ ଦୂରିକରଣ ନିମନ୍ତେ କେତେକ ନିୟମ ଅନୁସରଣ କରିଥାନ୍ତି । ପାରମ୍ପରିକଭାବେ ଗୃହର ଜ୍ୟେଷ୍ଠପୁତ୍ର ହିଁ ବିବାହ ହୋଇଥାଏ । ଅନ୍ୟ ଭ୍ରାତାମାନେ ଆଚରଣଗତ ବିଧି ଅନୁଯାୟୀ ସେହି ସ୍ତ୍ରୀର ସ୍ୱାମୀ ହୋଇଥାନ୍ତି । ଯଦିଓ ଭାଇମାନେ ଅନ୍ୟ ଏକ ସ୍ତ୍ରୀଙ୍କୁ ବିବାହ କରିବାକୁ ଇଚ୍ଛାପ୍ରକାଶ କଲେ ମଧ୍ୟ ପ୍ରଥମେ ବଡ଼ଭାଇ ହିଁ ସେହି ସ୍ତ୍ରୀକୁ ବିବାହ କରିଥାଏ । ପରେ ସେହି ସ୍ତ୍ରୀକୁ ଅନ୍ୟ ଭାଇମାନେ ଗ୍ରହଣ କରନ୍ତି । ବହୁ ପତି ବିବାହ ପ୍ରଥାରେ ଯଦି ଭାଇମାନେ ଗୋଟିଏ ମା'ର ସନ୍ତାନ ନହୋଇ ଏକ ଗୋତ୍ର ସମ୍ପର୍କିତ ହୁଅନ୍ତି; ତେବେ ସେମାନଙ୍କ ଜ୍ୟେଷ୍ଠଭ୍ରାତା ସହ ସେହି ସ୍ତ୍ରୀଙ୍କୁ ବିବାହ କରାଯାଇଥାଏ । ପାରମ୍ପରିକ ଭବେ ଅନ୍ୟ ଭାଇମାନେ ସେହି ସ୍ତ୍ରୀର ସ୍ୱାମୀ ହୁଅନ୍ତି । ସେମାନଙ୍କ ମିଳିତ ପତ୍ନୀ ପ୍ରତ୍ୟେକ ସ୍ୱାମୀଙ୍କ ନିକଟରେ ଏକମାସ ଲେଖାଏଁ କାଳାତିପାତ କରିଥାଏ ।

**ବାଲ୍ୟବିବାହ:**ଆଦିବାସୀ ସାମାଜିକ ଜୀବନରେ ବାଲ୍ୟବିବାହ ବର ଓ କନ୍ୟାଙ୍କ ମଧ୍ୟରେ ଅପ୍ରାପ୍ତ ବୟସରେ ହୋଇଥାଏ । କନ୍ୟାକୁ ଯୌବନ ପ୍ରାପ୍ତି ପର୍ଯ୍ୟନ୍ତ ବାପଘରେ ଛାଡ଼ି ଦିଆଯାଏ । ବର ମଧ୍ୟ ନିଜ ପତ୍ନୀକୁ ଯୁବତୀ ନ ହେବା ପର୍ଯ୍ୟନ୍ତ ଘରକୁ ଆଣେନାହିଁ । କିନ୍ତୁ ତୋଡ଼ାମାନଙ୍କ ବାଲ୍ୟବିବାହରେ ଚମତ୍କାରିତା ଦେଖିବାକୁ ମିଳିଥାଏ । କନ୍ୟା ଗୃହଯୋଗ୍ୟ ବୟସରେ ବାପା, ମାଁ ଅନ୍ୟଗୋତ୍ର ଯୁବକ ସହ କନ୍ୟାର ଯୌନ ସଂପର୍କ କରାଇଥାନ୍ତି । କାରଣ କନ୍ୟା ସ୍ୱାମୀଙ୍କ ନିକଟକୁ ଯିବା ପୂର୍ବରୁ ଏହିପରି ଯୌନ ସଂପର୍କ ଫଳରେ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ ବୋଲି ତୋଡ଼ାମାନଙ୍କ ବିଶ୍ୱାସ ।

**ଗର୍ଭଧାରଣ ଓ ଜନ୍ମୋତ୍ସବ:** ଆଦିବାସୀ ତୋଡ଼ା ବହୁପତି ବିବାହ ପ୍ରଥା ଦ୍ୱାରା ଗର୍ଭବତୀ ସ୍ତ୍ରୀର ସ୍ୱାମୀ ଏବଂ ଗର୍ଭସ୍ଥ ଶିଶୁର ପିତା କିଏ ଜାଣିବା ପାଇଁ 'ବାଟୁଳି ଖଡ଼ା' ଉତ୍ସବ ପାଳନ କରିଥାଏ । ଏହି ଉତ୍ସବ ଗର୍ଭବତୀ ସ୍ତ୍ରୀ ଏବଂ ଭାଇମାନଙ୍କ ମଧ୍ୟରେ ପାଳନ କରାଯାଏ । ଗ୍ରାମର ସମସ୍ତ ଲୋକେ ଏଥିରେ ଯୋଗଦାନ କରନ୍ତି । ଉକ୍ତ ଦିନ ଯେଉଁ ଭାଇ ସେ ସ୍ତ୍ରୀକୁ ବାଟୁଳି ଖଡ଼ା ପ୍ରଦାନ କରେ, ସେ ହିଁ ସେ ସ୍ତ୍ରୀର ସ୍ୱାମୀ ଏବଂ ଗର୍ଭସ୍ଥ ଶିଶୁର ପିତା ହୋଇଥାଏ । ପ୍ରତିବର୍ଷ ଏହି ଉତ୍ସବ ଅନୁଷ୍ଠିତ ହୋଇଥାଏ । ପ୍ରତ୍ୟେକ ଭାଇ ଏହି ଉତ୍ସବ ପାଳନ କରି ସେହି ସ୍ତ୍ରୀର ସ୍ୱାମୀ ହୋଇଥାନ୍ତି । ଯେଉଁ ସ୍ତ୍ରୀ ଏହି ଉତ୍ସବ ପାଳନ ନକରି ସନ୍ତାନ ଜନ୍ମ କରିଥାଏ; ତେବେ ସେ ବହୁ ଲଜ୍ଜିତ ହୋଇଥାଏ ।

ସାମାଜିକ ପ୍ରଥାନୁସାରେ ଗର୍ଭିଣୀ ସ୍ତ୍ରୀ କୌଣସି ଧର୍ମାନୁଷ୍ଠାନ ବା ପୂଜା ପଦ୍ଧତିରେ ଅଂଶଗ୍ରହଣ କରିନଥାଏ । ଗର୍ଭିଣୀ ସ୍ତ୍ରୀ ଗର୍ଭଧାରଣର 'ଛଅ' ମାସଠାରୁ ଶିଶୁ ଜନ୍ମ ହେବା ପର୍ଯ୍ୟନ୍ତ ବାପା ଘରେ ବିଶ୍ରାମ ନେଇଥାଏ । ଶିଶୁ ପରିବାରର ଉତ୍ତରଦାୟାଦ । ପରିବାରକୁ ଆସୁଥିବା ନବ ଅତିଥି ନିମିତ୍ତ

Scanned with OKEN Scanner

ପରିବାରରେ ଆନନ୍ଦ ଉତ୍ସବ ପାଳିତ ହୋଇଥାଏ । ବନ୍ଧୁ, ଅତିଥିମାନଙ୍କୁ ଦହିଚହ୍ଲାରେ ଆପ୍ୟାୟିତ କରିବା ସହ ପାରମ୍ପରିକ ରଚିପୂର୍ଣ୍ଣ ନୃତ୍ୟଗୀତ ପରିବେଷଣ କରାଯାଏ । ନବଜାତ ଶିଶୁର ବାମପାର୍ଶ୍ୱରେ ଯଦି କୌଣସି ଚିହ୍ନ ବା ବୃହତ୍ କଳାଜାଇ ଥାଏ ତେବେ ତାଙ୍କୁ ପୂର୍ବପୁରୁଷର ସନ୍ତକ ରୂପେ ସମ୍ମାନ ଦିଆଯାଇଥାଏ । ଏତଦ୍‌ବ୍ୟତୀତ ନବଜାତକର ପ୍ରତ୍ୟାବର୍ତ୍ତନରେ ଝିଅଙ୍କୁ ବାପାଘର ଲୋକେ ଉପହାର ରୂପେ ମହିଷିଟିଏ ପ୍ରଦାନ କରିଥାନ୍ତି ।

**ବିବାହ ବିଚ୍ଛେଦ/ ଛାଡ଼ପତ୍ର:** ସାଧାରଣତଃ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଯୁକ୍ତିତର୍କ, ସ୍ତ୍ରୀ/ସ୍ୱାମୀ ଅନ୍ୟପୁରୁଷ ବା ସ୍ତ୍ରୀ ସହିତ ସମ୍ପର୍କ ସ୍ଥାପନ କିମ୍ବା ସନ୍ତାନ ନହେଲେ ବୈବାହିକ ବିଚ୍ଛେଦ ଘଟିଥାଏ । କିନ୍ତୁ ତୋଡ଼ାମାନଙ୍କ କ୍ଷେତ୍ରରେ ସ୍ତ୍ରୀ ଅଳସୁଆ କିମ୍ବା ମୁର୍ଖ ହୋଇଥିଲେ ମଧ୍ୟ ବିବାହ ବିଚ୍ଛେଦ ହୋଇଥାଏ ।

**ମୃତ ସଂସ୍କାର:** ଗତିଶୀଳ ଲୋକଜୀବନ ଭିତରେ ସାଂସ୍କୃତିକ ଧାରାର ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୋଇଥାଏ । ଏଠି ଜନ୍ମର ଏକୁଡ଼ିନିଆଁ ଏବଂ ବାରରାତ୍ର ଗାଧୁଆ ପର୍ଯ୍ୟନ୍ତ ବାରଦିନ ବ୍ୟାପୀ ଶୂଚକର୍ମ ଯେପରି ଗୁରୁତ୍ୱ, ମୃତାହ ଅଶୌଚ ମଧ୍ୟ ଅନୁରୂପ ଗୁରୁତ୍ୱ ଅଟେ । ଛୁତକ ଆଚାରରେ ନାରୀମାନଙ୍କ ଭୂମିକା ଯେପରି, ମୃତାହ ଆଚାରରେ ପୁରୁଷମାନେ ମଧ୍ୟ ସେହିପରି ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । 'ତୋଡ଼ା' ପରିବାରର କୌଣସି ଲୋକଙ୍କ ମୃତ୍ୟୁ ଘଟିବାମାତ୍ରେ ବନ୍ଧୁବର୍ଗ, କୁଳସମାଜ ଏକତ୍ରିତ ହୋଇ ଶବଟିକୁ ପୋତିଦିଅନ୍ତି ଏବଂ ନିଜ ଇଚ୍ଛା ମୁତାବକ ମୃତ ପରିବାରକୁ ସାହାଯ୍ୟ କରନ୍ତି । ଏକାଦଶତମ ଦିନ କର୍ମକାଣ୍ଡରେ ଜନା, ମାଣ୍ଡିଆ, ଘାଣ୍ଟିଆ, ଦାନ ଦେବା ସହ ପୋଢ଼ ବଳି ଦିଅନ୍ତି । ବଳି ଦିଆଯାଇଥିବା ପୋଢ଼ ମାଂସ ଭକ୍ଷଣ କରନ୍ତି ନାହିଁ । ଅନ୍ୟାନ୍ୟ ଆଦିବାସୀଙ୍କୁ ପ୍ରସାଦ ରୂପେ ବାଣ୍ଟି ଦିଅନ୍ତି ।

**ଦେବବିଶ୍ୱାସ:** ଆଦିବାସୀ ତୋଡ଼ା ଅନେକ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିଥାଏ । ତନ୍ମଧ୍ୟରୁ ଟୀକିର୍ଜି (Tekirzi), ଓନ୍ (On) ମୁଖ୍ୟ ଅଟେ । ଭଗବାନ 'ଟୀକିର୍ଜି' ବିଶ୍ୱଜଗତକୁ ପାଳନ କରୁଥିବା ବେଳେ 'ଓନ୍' ମୃତ୍ୟୁଜଗତକୁ ପାଳନ କରୁଥାଏ ବୋଲି ଏମାନଙ୍କ ବିଶ୍ୱାସ । ଏହି ଅଞ୍ଚଳରେ ପ୍ରବାହିତ ଦୁଇଟି ନଦୀକୁ ମଧ୍ୟ ଦେବତା ସ୍ୱରୂପ ପୂଜା ଆରାଧନା କରିଥାନ୍ତି । ଗୋ-ଶାଳ ତୋଡ଼ାମାନଙ୍କ ଦେବାଳୟ । ଏମାନେ ତାନ୍ତ୍ରିକ ଶକ୍ତିକୁ ଗୁରୁତ୍ୱ ଦିଅନ୍ତି । ଏତଦ୍‌ବ୍ୟତୀତ ଦୈନନ୍ଦିନ ଜୀବନରେ ପରିଚାଳିତ ବିଭିନ୍ନ ପର୍ବପାଳନ କରନ୍ତି । ତୋଡ଼ାମାନଙ୍କ ମଧ୍ୟରୁ କେତେକ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିବାବେଳେ ଅନ୍ୟ କେତେକ ନିଜ ଆଦିବାସୀ ସଂସ୍କୃତିକୁ ଅନୁସରଣ କରି ଜୀବିକା ନିର୍ବାହ କରୁଥିବା ଜଣାଯାଏ ।

**ଗ୍ରାମ ସଂଗଠନ:** ଗ୍ରାମ ପରିଚାଳନା ଏବଂ ଜାତିଗତ ସ୍ୱାର୍ଥରକ୍ଷା ନିମନ୍ତେ ପାରମ୍ପରିକ ଭାବେ ପାଞ୍ଚଜଣ ସଭ୍ୟ ନିଯୁକ୍ତି ହୋଇଥାନ୍ତି । ଏମାନଙ୍କୁ ସ୍ଥାନୀୟ ଭାବେ 'ନାଇମ୍' (Naim) ବୋଲି କହନ୍ତି । ଏହି ପାଞ୍ଚଜଣ ସଭ୍ୟ ଭିନ୍ନ ଭିନ୍ନ ଗୋଷ୍ଠୀର ଅନ୍ତର୍ଭୁକ୍ତ ଯଥା: 'ତାରାତାରଲ' ଗୋଷ୍ଠୀରୁ ୩ଜଣ, 'ତେବାଲିୟୋଲ' ଗୋଷ୍ଠୀରୁ ଏକଜଣ ଏବଂ 'ବାଡ଼ଗା' ଗୋଷ୍ଠୀରୁ ଜଣେ ଲେଖାଏଁ ନିୟୋଜିତ ହୋଇଥାନ୍ତି । ନାଇମ୍ ଦ୍ୱାରା ବୈବାହିକ ସଂପର୍କ ସ୍ଥାପନ କରିବା, ବିବାହ

Scanned with OKEN Scanner

ବିଚ୍ଛେଦ, ବ୍ୟକ୍ତି-ବ୍ୟକ୍ତି କିମ୍ବା ଗୋଷ୍ଠୀ ମଧ୍ୟରେ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ କରାଯାଇଥାଏ । ଗ୍ରାମରେ ଗ୍ରାମ ମୁଖିଆଙ୍କ ନାମାନୁସାରେ ଗୋତ୍ରଗୁଡ଼ିକ ନିର୍ଦ୍ଧାରିତ ହୋଇଥାଏ । ଗୋତ୍ର ବିଭାଜନ ତୋଡ଼ାମାନଙ୍କ ସାମାଜିକ, ଆର୍ଥିକ ବ୍ୟବସ୍ଥାକୁ ପ୍ରଭାବିତ କରିଥାଏ । ସମଗୋତ୍ର ଲୋକେ ଗୋ-ଚାରଣ ନିମନ୍ତେ ଗୋଟିଏ ଗ୍ରାମରୁ ଅନ୍ୟ ଗ୍ରାମକୁ ଯିବାରେ କୌଣସି ବାଧାପ୍ରାପ୍ତ ନଥାଏ ।

**ଖାଦ୍ୟପେୟ-ଆର୍ଥିକ ବ୍ୟବସ୍ଥା:** ଆଦିବାସୀ ତୋଡ଼ା ଶାକାହାରି ନହେଲେ ମଧ୍ୟ ସାଧାରଣତଃ ମାଂସହାର ଖାଦ୍ୟ ଗ୍ରହଣ କରିନଥାଏ । ଏମାନେ ମାଛ ଖାଆନ୍ତି ନାହିଁ । ଅନ୍ୟାନ୍ୟ ଆଦିବାସୀମାନଙ୍କ ପରି ମଦ୍ୟପାନ, ମାଦକଦ୍ରବ୍ୟ ସେବନ କରନ୍ତି ନାହିଁ । ଦହି, ଚଲ୍ଲା ବ୍ୟତୀତ ଅନ୍ୟ କିଛି ଜାଣନ୍ତି ନାହିଁ । ବନ୍ୟଜାତ ପଦାର୍ଥ, ବିଭିନ୍ନ ପନିପରିବାକୁ ଖାଦ୍ୟ ରୂପେ ଗ୍ରହଣ କରିଥାଏ ।

ପଶୁପାଳନ, ଦୁଗ୍ଧସଂଗ୍ରହ ତୋଡ଼ାମାନଙ୍କ ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ଼ କରିଥାଏ । ପରିବର୍ତ୍ତନଶୀଳ ସମାଜ ସହ ଜୀବନଯାପନ କରିବା ଏମାନଙ୍କ ପକ୍ଷେ କାଠିକର ପାଠ । ଫଳରେ ଆଦିବାସୀ ତୋଡ଼ା ବହୁ ନ୍ୟୁନତର ହୋଇଥିବା ଜଣାଯାଏ । ଆଧୁନିକମାନଙ୍କର ସୁଖ ସମୃଦ୍ଧି ନିମନ୍ତେ ନୀଳଗିରି ପାର୍ବତ୍ୟ ଅଞ୍ଚଳକୁ ଗ୍ରୀଷ୍ମନିବାସ ରୂପେ ପରିଣତ କରିଥିବା ଇଉରୋପୀୟନ୍ ଏବଂ ଭାରତୀୟ ପର୍ଯ୍ୟଟକଙ୍କ ଅଭିଶାପ ତୋରାମାନଙ୍କ ଜୀବନ କ୍ଷେତ୍ରକୁ ବିଶେଷ ପ୍ରଭାବିତ କରିଥିବା ଜଣାଯାଏ । କାରଣ 'ଉଟକମଣ୍ଡ' ନିକଟବର୍ତ୍ତୀ 'ୱେନ୍‌ଲକ୍‌ଡ଼ାଉନ୍' (Wenlock Downs) ଅଞ୍ଚଳ ଥିଲା ତୋଡ଼ାମାନଙ୍କ ଗୋଚାରଣ ସ୍ଥଳ । କିନ୍ତୁ ପ୍ରଗତିଶୀଳ ସମାଜ, ଆଧୁନିକ ମାନବ ସେସବୁ ଛାରଖାର୍ କରିଦେଇଥିଲା । ଫଳରେ ତୋଡ଼ାମାନଙ୍କ ସାମାଜିକ, ଆର୍ଥିକ, ମାନସିକ ସ୍ଥିତି ଉପରେ କୁପ୍ରଭାବ ପଡ଼ିଥିବା ଜଣାଯାଏ । ପଶୁ ପୋଷଣ ହି ଏମାନଙ୍କ ମୁଖ୍ୟ ବୃତ୍ତି । ତେଣୁ ସରକାର ତରଫରୁ ଗୋ-ଚାରଣ ଭୂମି ଯୋଗାଇବା, ପଶୁପୋଷଣ ନିମନ୍ତେ ପ୍ରୋତ୍ସାହନ କରି ତାଲିମ ଦେବା, ଶିକ୍ଷାକ୍ଷେତ୍ରରେ ଅବଗତ କରାଇବା ଏବଂ ଆଦିବାସୀ ତୋଡ଼ାଙ୍କ ବିକାଶ ନିମନ୍ତେ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟକାରୀ କରିପାରିଲେ ସେମାନଙ୍କ ଉନ୍ନତି ହେବା ସହ ବିଶ୍ୱ ଜନସ୍ୱାର୍ଥ ରକ୍ଷା ହୋଇପାରିବ ।

■

*ବରିଷ୍ଠ ଗବେଷକ, ରାଜୀବଗାନ୍ଧୀ ଜାତୀୟ ଗବେଷଣା ବୃତ୍ତି*
*ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ*

**ସହାୟକ ଗ୍ରନ୍ଥସୂଚୀ:**

୧. ହସ୍‌ନୈନ୍, ନଦୀ, ଭାରତୀୟ ଗିରିଜନ, ଓରିୟଣ୍ଟ ଲାଙ୍ଗ୍ମାନ୍, ୩-୬-୨୭୨, ହିମାୟତ୍ ନଗର, ହାଇଦ୍ରାବାଦ-୨୯ ।
୨. Reddy, K.Krishna, Modern World History, Orient Blackswan, Hyd-29
୩. Tribal India Today, Orient Lagman, Hyd-29
୪. ସପ୍ତର୍ଷି, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରକାଶନ, ପ୍ରଥମ ଓ ଦ୍ୱିତୀୟ ସଂଖ୍ୟା, ୨୦୧୩
୫. ମହାନ୍ତି, ଭାଗ୍ୟଲକ୍ଷ୍ମୀ, ଭାରତୀୟ ସମାଜ, ବିଦ୍ୟାପୁରୀ, କଟକ-୨

Scanned with OKEN Scanner